# ଚୌଦ୍ୱାର କଲେଜ ନାଟ୍ୟ ସଂସଦର ବାର୍ଷିକୋତ୍ସବ



**ଟାଙ୍ଗୀ/ଚୌଦ୍ୱାର, ୧୨୧/ଏନ୍‌ଏନ୍‌ଏସ୍ :** ଚୌଦ୍ୱାର କଲେଜ ନାଟ୍ୟ ସଂସଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଜୟକୃଷ୍ଣ ମହାନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ । ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନକୁ ଏକ ନାଟକ ଭାବେ ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଧାରାବାହିକ ରଚୟିତା ବିଜୟ ମଲ୍ଲ ଯୋଗଦେଇଥିଲେ । ବିଶିଷ୍ଟ ଔପନ୍ୟାସିକ, ଗାଳ୍ପିକ ତଥା ସାକ୍ଷୀଗୋପାଳ +୨ କଲେଜର ଅଧ୍ୟକ୍ଷ ଅଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନାଟ୍ୟସଂସଦର ଉପସଭାପତି ଅଧ୍ୟାପକ ମୋହିତ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଟ୍ୟସଂସଦର ନିର୍ବାଚିତ ସମ୍ପାଦିକା ନନ୍ଦିତା ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ବିଚାରପତି ଭାବେ ସଂଗୀତ ନର୍ଦ୍ଦେଶକ ଗଗନ ବିହାରୀ ରାଉତ, ବ୍ରଜେନ୍ଦ୍ର ନାୟକ, ପ୍ରତାପ କର, ସୁରେଖା ସାହୁ ପ୍ରମୁଖ ଯୋଗଦେଇଥିଲେ । ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କ ଜୀବନବ୍ୟାପୀ ସାଧନା ପାଇଁ ଚୌଦ୍ୱାର କଲେଜ ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟସଂସଦର ଏହି ପର୍ବକୁ ଅଧ୍ୟାପକ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ ।